# ଗହ୍ମାପୂର୍ଣ୍ଣମୀରେ ମହାପ୍ରଭୁ ପିନ୍ଧିବେ ପାଟରାଖୀ





ପୁରୀ,୧୮/ଏନ୍‌ଏନ୍‌ଏସ୍: ଅଗଷ୍ଟ ୩ ତାରିଖ ସୋମବାର ଗହ୍ମାପୂର୍ଣ୍ଣମୀ ଅବସରରେ ପରମ୍ପରା ଅନୁଯାୟୀ ଶ୍ରୀମନ୍ଦିରରେ ପ୍ରଭୁ ବଳଭଦ୍ର ଓ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଲାଗି କରାଯିବ ରାଖୀ। ପ୍ରଭୁ ବଳଭଦ୍ର ଓ ଶ୍ରୀଜଗନ୍ନାଥ ୨ ଭ୍ରାତାଙ୍କ ଶ୍ରୀହସ୍ତରେ ସୁନା ଲାଗିଥିବା ପାଟରାଖୀ ଓ ଗୁଆରମାଳ ଲାଗି କରିବେ ପୁଷ୍ପାଳକ ସେବକ। ଚିତାଲାଗି ଅମାବାସ୍ୟାଠାରୁ ଏଥିପାଇଁ ଚାଲିଛି ପ୍ରଭୁ ବଳଭଦ୍ର ଓ ଶ୍ରୀଜଗନ୍ନାଥଙ୍କ ପାଇଁ ପାଟରାଖୀର ପ୍ରସ୍ତୁତି। ପାଟରା ବିଶୋଇ ସେବକ ଜଗନ୍ନାଥ ପାତ୍ରଙ୍କ ଘରେ ଏହି ରାଖୀ ପ୍ରସ୍ତୁତ କରାଯାଉଛି।

ଏହାର ପ୍ରସ୍ତୁତି ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପାଟରା ବିଶୋଇ ସେବକଙ୍କୁ ବାସୁଙ୍ଗୀ ପାଟ ସୁତା ଓ ଅନ୍ୟ ଆବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯାଇଛି। ନାଲି, ନେଳି, ବାଇଗଣି ଓ ହଳଦିଆ ରଙ୍ଗର ପାଟସୁତାକୁ ନରମ କରାଯାଇ ରାଖୀ ପ୍ରସ୍ତୁତ କରାଯାଉଛି। ପ୍ରଭୁ ବଳଭଦ୍ର ଓ ଶ୍ରୀଜଗନ୍ନାଥଙ୍କ ପାଇଁ ଚାଲିଛି ଗୁଆରମାଳ ତିଆରି। ମୋଟ ୪ଟି ଗୁଆରମାଳି ପ୍ରସ୍ତୁତ କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ ୫୪ଟି ଗୁଆରେ ଗୋଟିଏ ମାଳ ପ୍ରସ୍ତୁତ ହୁଏ। ଶ୍ରୀଜଗନ୍ନାଥଙ୍କୁ ହଳଦିଆ ଓ ନାଲି ଗୁଆର ମାଳ ଲାଗି କରାଯାଉଥିବା ବେଳେ ପ୍ରଭୁ ବଳଭଦ୍ରଙ୍କୁ ନେଳୀ ଓ ବାଇଗଣୀ ଗୁଆରମାଳ ଲାଗି କରାଯାଏ। ସେହିଭଳି ପାର୍ଶ୍ୱ ଦେବତାମାନଙ୍କ ପାଇଁ ୧୦ଟି ଛୋଟ ଛୋଟ ପାଟଫୁଲି ତିଆରି କରାଯାଇଥାଏ। ଅତ୍ୟନ୍ତ ପବିତ୍ରତାର ସହକାରେ ପାଟରାକ୍ଷୀ ଠାକୁରମାନଙ୍କ ପାଇଁ ପ୍ରସ୍ତୁତ କରାଯାଏ।

ନିତିଦିନ NITIDIN Sun, Aug 2, 2020
http://odishanewsnitidin.com